ଅନନ୍ତ ଅନ୍ତରୀକ୍ଷ ୨ୟ ଭାଗ
ତାରା ଦେଖିବା କାହିଁକି ?
ପ୍ରସ୍ତୁତ; ସୃଜନିକା, ଭୁବନେଶ୍ୱର

ଅନନ୍ତ ଅନ୍ତରୀକ୍ଷର ପ୍ରଥମ ଭାଗରେ ଆମେ ଶୁଣିଥିଲେ ବିଶ୍ୱ କ'ଣ, ବିଶ୍ୱ ଉପରେ ମଣିଷର ଧାରଣା କେମିତି ଥିଲା, ତାକୁ ନେଇ କେତେ କ'ଣ କାହାଣୀ ସେ ରଚିଥିଲା, ସୂର୍ଯ୍ୟ, ଚନ୍ଦ୍ର ତା' ପାଇଁ କେମିତି ରହସ୍ୟମୟ ଥିଲେ ଆଦି କେତେ ବିଷୟରେ । ତା' ମନରେ ପ୍ରଶ୍ନ ଉଠିଥିଲା ଯେ ସୂର୍ଯ୍ୟ କ'ଣ ବିଶ୍ୱର କେନ୍ଦ୍ର ? ସୂର୍ଯ୍ୟ ଚନ୍ଦ୍ରଙ୍କୁ ଛାଡ଼ିଦେଲେ ଆକାଶରେ ଆଉ କିଏ ସବୁ ରହିଛନ୍ତି, ଏଇଭଳି ଅନେକ ପ୍ରଶ୍ନର ଉତ୍ତର ଆମେ ଖୋଜିବାକୁ ଆରମ୍ଭ କରିଛେ । ଏ ରହସ୍ୟ ଯେତିକି ଖୋଲି ଖୋଲି ଯିବ ତା' ଭିତରୁ ଆହୁରି ନୂଆ ନୂଆ ପ୍ରଶ୍ନ ଆସିବ । ଗତଥରର କାର୍ଯ୍ୟକ୍ରମ ଶୁଣିବା ପରେ ନିଶ୍ଚୟ ମନ ହୋଇଥିବ ମୁଣ୍ଡ ଉଠେଇ ଆକାଶକୁ ଟିକିଏ ଚାହିଁବାକୁ । କିନ୍ତୁ ତାରାର ଜଙ୍ଗଲ ଭିତରେ ହଜିଗଲା ଭଳି ଲାଗିଥିବ । ତେବେ ତାରାମାନଙ୍କୁ ଚିହ୍ନଟ କରିବା ପାଇଁ ନିଶ୍ଚୟ କିଛି ସହଜ ବାଟ ରହିଥିବ । ଏଥର ଆସନ୍ତୁ ସେ ବିଷୟରେ କିଛି ଶୁଣିବା ।

ମଣିଷ ଆଖିକୁ ଦିଶୁଥିବା ସବୁଠାରୁ ବଡ଼ ଜିନିଷ ବୋଧହୁଏ ଆକାଶ । ଗୋଟିଏ ବିରାଟ ତମ୍ବୁ ଭଳି ଏହା ଆମକୁ ଘୋଡ଼ାଇ ରଖିଥିବା ଭଳି ମନେହୁଏ । ଆଦିମ ମଣିଷ ଆକାଶକୁ ପୃଥିବୀର ଘୋଡ଼ଣୀ ବୋଲି ଧରି ନେଇଥିଲା । ମଣିଷ ସମାଜ ଆଗେଇବା ସହିତ ଆକାଶ ବିଷୟରେ କେତେ ନୂଆ ଚିନ୍ତା ଆସିଲା । ତଥାପି ଆଜିକୁ ମାତ୍ର ୫୦୦ ବର୍ଷ ଆଗ ଯାଏଁ ବି ଆକାଶର ଠିକ୍ ରୂପକୁ ମଣିଷ ବୁଝିପାରି ନଥିଲା । ବିଜ୍ଞାନୀମାନେ ଭାବୁଥିଲେ ଯେ ଆକାଶଟା ବିଶ୍ୱର ଘୋଡ଼ଣୀ ଓ ତାରାମାନେ ସେଥିରେ ଖଞ୍ଜା ହୋଇ ସ୍ଥିର ଭାବରେ ରହିଛନ୍ତି ।

ପ୍ରଶ୍ନ: ମଣିଷ କ'ଣ ଏବେ ବି ସେମିତି ଭାବୁଛି ?

ଉତ୍ତର: ଗତ କେତେ ଶହ ବର୍ଷ ଭିତରେ ମଣିଷର ଜ୍ଞାନ ବିଜ୍ଞାନ ବହୁତ ଆଗେଇଛି । ବିଶ୍ୱର ପ୍ରକୃତ ରୂପକୁ ସେ ଏବେ ମୋଟାମୋଟି ଭାବରେ ଜାଣିପାରିଛି । ଆଦିମ ମଣିଷର ଓ ଆମର ଆଖି ଦେଖା ଆକାଶ ଆଜି ମହାକାଶ ବା ମହାଶୂନ୍ୟ । ତା'ର କିଛି ସ୍ଥୂଳ ରୂପ ନାହିଁ । ତାରାମାନେ ଏହି ମହାକାଶରେ ଖେଳାଇ ହୋଇ ରହିଛନ୍ତି । ଆମଠାରୁ ପ୍ରତିଟିର ଦୂରତା ଅଲଗା ଅଲଗା । ସେମାନଙ୍କର ଆକାର, ଗଠନ, ଜୀବନ, ମରଣ ଏଭଳି କେତେ କଥା ଆଜି ଆମେ ଜାଣିପାରିଛେ ।

ତଥାପି ଉପରକୁ ଆଖି ଉଠିଗଲେ ମନକୁ ଆଗ ଆସିଯାଏ ଆକାଶର ସେଇ ଛତା ରୂପ । ରାତି ଆକାଶର ଝିଲିମିଲି ତାରାମାନେ ମଣିଷ ମନକୁ ଏବେ ବି ଟାଣି ନିଅନ୍ତି । ତାରାଙ୍କୁ ଯୋଡ଼ି ଆପେ ଆପେ କେତେ ଚିତ୍ର ମନରେ ଭାସିଉଠେ । କେଉଁଠି ଋଷିଙ୍କର ଦଳ ଦିଶେ ତ କେଉଁଠି ବଡ଼ ବିଛା । ତାଙ୍କର ନାଁ ସବୁ ମନେ ପଡ଼ିଯାଏ ଧ୍ରୁବ, ସ୍ୱାତୀ, ଚିତ୍ରା ମଘା ପ୍ରଶ୍ୱା ଓ ଆହୁରି କେତେ କ'ଣ । ଆଉ ଆଖି ବୁଜିଲେ ସେମାନଙ୍କର କାହାଣୀ କେତେ ମନରେ ଖେଳିଯାଏ ।

ମଣିଷ ସବୁବେଳେ ଆକାଶ ପ୍ରତି ଆଗ୍ରହୀ ରହିଆସିଛି ଆମ ଚାରିପାଖରେ ଥିବା ପୃଥିବୀ, ଚନ୍ଦ୍ର, ଗ୍ରହ, ତାରା ଇତ୍ୟାଦିଙ୍କ ପ୍ରତି ମଣିଷ ସବୁବେଳେ କୌତୁହଳୀ । ଏମାନଙ୍କୁ ଆମେ ଖାଲି ଆଖିରେ ଦେଖିପାରେ । କିନ୍ତୁ ଆହୁରି ଅନେକ ଜିନିଷ ଅଛି ଯାହାକୁ ଆମେ ଦେଖିପାରୁନା କି ଅନୁଭବ କରିପାରୁନା । ଯେମିତି ପୃଥିବୀ ନିଜ ଅକ୍ଷ ଚାରିପଟେ ଘୁରିବା ସହିତ ସୂର୍ଯ୍ୟ ଚାରିପଟେ ଖୁବ୍ ଦ୍ରୁତଗତିରେ ଘୁରୁଛି, କିନ୍ତୁ ଆମେ ଅନୁଭବ କରିପାରୁନୁ । ଆମକୁ ଜଣାପଡ଼େ ଯେ ପୃଥିବୀ ସ୍ଥିର ରହିଛି । ଆଗେ ଲୋକେ ଏହା ହିଁ ବିଶ୍ୱାସ କରୁଥିଲେ । ସେତେବେଳର ମଣିଷ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଓ ୫ଟି ଗ୍ରହକୁ ଖାଲି ଆଖିରେ ଦେଖିପାରୁଥିଲେ । ଏହାହିଁ ତା'ର ବିଶ୍ୱାସ ଥିଲା । ଶନି ପରେ ଆଉ ଦୁଇଟି ଗ୍ରହ କିମ୍ବା କୋଟି କୋଟି ନୀହାରିକା ଯେ ରହିଛନ୍ତି ସେ ବିଷୟରେ ତା'ର କୌଣସି ଧାରଣା ନଥିଲା, ବିଶ୍ୱର ବିଶାଳତା ବିଷୟରେ ସେ କଳ୍ପନା ମଧ୍ୟ କରିପାରୁ ନଥିଲା ।

ପ୍ରଶ୍ନ: ମଣିଷ କାହିଁକି ତାରା ଦେଖୁଥିଲା ?

ଉତ୍ତର: ମଣିଷର ହେତୁ ପାଇଲା ଦିନୁ ସେ ତାରା ଦେଖୁଛି । ତାରା ବା ଆକାଶକୁ ଦେଖି ମଣିଷ ଋତୁ ଚିହ୍ନିଲା, ଦିଗ ଜାଣିଲା, ଦିନ ଗଣିଲା । ଏକୁ ନେଇ ତା'ର ଚାଷ, ବଣିଜ, ପୂଜା ପରବ ଚଳିଲା । ଅନେକ ଲୋକ ସଉକରେ ତାରା ଦେଖି ମଜା ପାଇଲେ । କିଏ ନୂଆ ଆବିଷ୍କାର କଲା ତ କିଏ ବିଶ୍ୱକୁ ବୁଝିବାକୁ ଚେଷ୍ଟା କଲା ।

ପ୍ରଶ୍ନ: ତାରା ଦେଖିବା ଯଦି ଏତେ ମଜା ତାହେଲେ ଆମେ ବି କେମିତି ତାରା ଦେଖିପାରିବା ।

ଉତ୍ତର: କଥାରେ ଅଛି ପିଠାର ସୁଆଦ କେବଳ ଖାଇବା ବାଲା ହିଁ ପାଏ । ସେମିତି ତାରା ବିଷୟରେ ଆମେ ଯେତେ ପଢ଼ିଲେ ବା ଜାଣିଲେ ବି ଆକାଶକୁ ନ ଦେଖିଲା ଯାଏଁ ତାରା ଚିହ୍ନିବା ସହଜ ନୁହେଁ ।

ପ୍ରଶ୍ନ: ଆକାଶରେ କେତେ ତାରା ଦେଖାଯାଏ ?

ଉତ୍ତର: ସମସ୍ତେ ଭାବନ୍ତି ଯେ ଆମେ ଆକାଶରେ କୋଟି କୋଟି ତାରା ଦେଖିପାରିବା । କିନ୍ତୁ ହିସାବ କରି ଦେଖାଯାଇଛି ଯେ ଏକ ସମୟରେ ଆମେ ଖାଲି ଆଖିରେ ମାତ୍ର ତିନିରୁ ପାଞ୍ଚ ହଜାର ତାରା ଦେଖିପାରିବା । ଯନ୍ତ୍ର ସାହାଯ୍ୟରେ ଅବଶ୍ୟ ବେଶ୍ ଅଧିକ ଦେଖାଯିବ ।

ପ୍ରଶ୍ନ: ହରେକ ପ୍ରକାରର ଏ ତାରାଙ୍କ ଜଙ୍ଗଲକୁ ଆମେ ମନେ କେମିତି ରଖିବା ?

ଉତ୍ତର: ଆକାଶର ତାରାମାନଙ୍କୁ ସହଜରେ ଚିହ୍ନିବା ପାଇଁ ମଣିଷ ସହଜ ବାଟ ବାହାର କରିଛି । ଅତି ଆଗ କାଳରୁ ସେ ତାରାମାନଙ୍କୁ ଅଲଗା ଅଲଗା ଦଳରେ ରଖିଛି । ଦଳଗୁଡ଼ିକୁ ମନଗଢ଼ା ରୂପ ଦେଇଛି । ସେମାନଙ୍କ ସାଙ୍ଗରେ କେତେ କେତେ କାହାଣୀ ଯୋଡ଼ିଛି । ପୃଥିବୀର ମାନଚିତ୍ର କରି ସବୁ ଦେଶ ଚିହ୍ନଟ କଲା ଭଳି ଆକାଶର ବି ମାନଚିତ୍ର କରିଛି ।

ପ୍ରଶ୍ନ: ତାହେଲେ ତ ବହୁତ ସହଜରେ ତାରା ଦେଖିହେବ ।

ଉତ୍ତର: ପ୍ରକୃତରେ ଆକାଶବିଜ୍ଞାନ ଖୁବ୍ ମଜାଦାର । ଏଥିପାଇଁ କେବଳ ଦରକାର ଭଲ ଦୃଷ୍ଟିଶକ୍ତି, ଦିଗମାନଙ୍କ ସମ୍ବନ୍ଧରେ ଧାରଣା ଏବଂ ଅନେକ ଧୈର୍ଯ୍ୟ । ଗୋଟିଏ ବାଇନାକୁଲର ବା ଛୋଟ ଟେଲିସ୍କୋପ ଆକାଶ ଦେଖାଇ ମଜାକୁ ଆହୁରି ବଢ଼େଇ ଦେଇ ପାରେ । ଚନ୍ଦ୍ର ବିହୀନ ରାତିରେ ମୁଣ୍ଡଟେକି ଆକାଶକୁ ଚାହିଁଲେ ଆକାଶରେ ହଜାର ହଜାର ତାରା ଥିଲା ଭଳି ମନେହୁଏ । ସେମାନଙ୍କ ଭିତରେ ବାଟ ହରେଇ ଦେଲା ଭଳି ଲାଗେ । ତେଣୁ ଜଣକୁ ଆକାଶରେ ବାଟଟିଏ ଖୋଜିବାକୁ ହିଁ ହେବ । ତାରା ମାନଙ୍କୁ ଯୋଡ଼ି କଳ୍ପନା କରାଯାଇଥିବା ତାରା ମଣ୍ଡଳକୁ

ଚିହ୍ନିବାକୁ ହେବ । ଏଥିପାଇଁ ଅଧିକ ଜରୁରୀ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଦିଗ ସବୁକୁ ଚିହ୍ନିବା ।

ପ୍ରଶ୍ନ: ସହଜରେ କେମିତି ଦିଗ ଚିହ୍ନିବା ?

ଉତ୍ତର: ଦିଗ ଚିହ୍ନିବା ପାଇଁ ସବୁଠାରୁ ସହଜ ବାଟ ହେଉଛି ସୂର୍ଯ୍ୟକୁ ଲକ୍ଷ୍ୟ କରିବା । ସେ ଯେଉଁ ଦିଗରେ ଉଦୟ ହେଉଛି ସେଇଟା ପୂର୍ବ ଦିଗ ଆଉ ଅସ୍ତ ହେଉଛି ପଶ୍ଚିମ ।

ପ୍ରଶ୍ନ: କିନ୍ତୁ ରାତିରେ କେମିତି ଦିଗ ଚିହ୍ନିବା ?

ଉତ୍ତର: ଠିକ୍ କଥା, ରାତିରେ କେମିତି ଚିହ୍ନିବା । ରାତିରେ ଦିଗ ଚିହ୍ନିବା ପାଇଁ ଆମର ସବୁଠାରୁ ଭଲ ବାଟ ହେଉଛି ଧ୍ରୁବ ତାରାକୁ ଚିହ୍ନିବା । ଧ୍ରୁବ ତାରା ଉତ୍ତର ଦିଗରେ ଥାଏ । ବର୍ଷର କୌଣସି ସମୟରେ ବି ସେ ତା'ର ଜାଗା ବଦଳାଏ ନାହିଁ ।

ପ୍ରଶ୍ନ: ଧ୍ରୁବ ତାରା ତା'ର ସ୍ଥାନ କାହିଁକି ବଦଳାଏ ନାହିଁ ?

ଉତ୍ତର: ଧ୍ରୁବ ତାରା ଉତ୍ତର ଦିଗରେ ପୃଥିବୀର ଠିକ୍ ଅକ୍ଷ ସିଧାରେ ରହିଛି । ଅକ୍ଷ ଚାରିପଟେ ପୃଥିବୀ ଘୁରୁଛି । ଅର୍ଥାତ ଧ୍ରୁବ ତାରାକୁ କେନ୍ଦ୍ର କରି ହିଁ ପୃଥିବୀ ଘୁରୁଛି । ସେଥିପାଇଁ ଧ୍ରୁବତାରା ସ୍ଥିର ଥିବା ଭଳି ମନେ ହୁଏ । ତା'ର ଉଦୟ ଅସ୍ତ ନାହିଁ ।

ପ୍ରଶ୍ନ: ଧ୍ରୁବ ତାରାକୁ ଆକାଶରେ କୋଉଠି ଦେଖିପାରିବା ?

ଉତ୍ତର: ଓଡିଶାରୁ ଦେଖିଲେ ଧ୍ରୁବ ତାରା ଉତ୍ତର ଦିଗରେ ଦିଗ୍‌ବଳୟ ଠାରୁ ୨୦$^{0}$ ଉପରେ ରହିଥିବ । କାରଣ ଓଡ଼ିଶା ମୋଟାମୋଟି ୨୦$^{0}$ ଉତ୍ତର ଅକ୍ଷାଂଶରେ ରହିଛି । ସେହିପରି ଆମେ ଯେତେ ଉତ୍ତରକୁ ଯିବା ତାହା ଦିଗ୍‌ବଳୟଠାରୁ ସେତେ ଉପରେ ଦେଖାଯିବ । ଯେମିତି ଦିଲ୍ଲୀରେ ଏହା ୩୦$^{0}$ ଉପରେ ଦେଖାଯିବ ତ ଆମେରିକାରେ ୪୫$^{0}$ ଉପରେ । ଏମିତି କାହିଁକି ହୁଏ ତ ବୁଝି ହେଉଥିବ । ଆମେ ପରେ ଏ ବିଷୟରେ ଆହୁରି ଅଧିକ କଥା ହେବା ।

ପ୍ରଶ୍ନ: ଧ୍ରୁବ ତାରାକୁ ଚିହ୍ନିବା କିପରି ?

ଉତ୍ତର: ଧ୍ରୁବକୁ ସହଜରେ ଚିହ୍ନିବା ପାଇଁ ଆମକୁ କିଛି ତାରାମଣ୍ଡଳ ଚିହ୍ନିବାକୁ ହେବ । ତାରାମଣ୍ଡଳ କ'ଣ ସେ ବିଷୟରେ ଆମେ ପରେ କଥା ହେବା । ତେବେ ଆଜି ଧ୍ରୁବ ତାରାକୁ ଚିହ୍ନିବା ପାଇଁ ଯେଉଁ ଦୁଇଟି ତାରାମଣ୍ଡଳ ଆମକୁ ସାହାଯ୍ୟ କରନ୍ତି ସେ ବିଷୟରେ ଶୁଣିବା । ଗୋଟିଏ ହେଉଛି ଆମର ଅତି ପରିଚିତ ସପ୍ତର୍ଷି ମଣ୍ଡଳ । ଉତ୍ତର ଦିଗରେ ଏହା ଗୋଟିଏ ପ୍ରଶ୍ନବାଚକ ଚିହ୍ନ ଆକାରରେ ରହିଛି । ଏହାର ଦ୍ୱିତୀୟ ଓ ପ୍ରଥମ ତାରା ଦୁଇଟିକୁ ଯୋଡ଼ି ଆଗକୁ ବଢ଼ାଇଲେ ତାହା ଯେଉଁ ତାରା ପାଖରେ ପହଞ୍ଚିବ ସେଇଟା ହେଉଛି ଧ୍ରୁବ ତାରା । କିନ୍ତୁ ଶୀତଦିନେ ସନ୍ଧ୍ୟା ଆକାଶରେ ସପ୍ତର୍ଷି ମଣ୍ଡଳ ଦେଖାଯାଏ ନାହିଁ । ଏଥିପାଇଁ ଆଉ ଗୋଟିଏ ତାରାମଣ୍ଡଳର ସାହାଯ୍ୟ ନେବାକୁ ହୋଇଥାଏ । ଇଂରାଜୀ ଅକ୍ଷର **W** ଆକାରର ଗୋଟିଏ ତାରାମଣ୍ଡଳ ରହିଛି । ଏହାର ନାଁ ହେଉଛି ଶର୍ମିଷ୍ଠା ମଣ୍ଡଳ । ଏହି ତାରାମଣ୍ଡଳର ବଡ଼ କୋଣକୁ ତିନି ଭାଗ କରି ଗାର ଟାଣିଲେ ତାହା ଯାଇ ଧ୍ରୁବ ତାରା ପାଖରେ ପହଞ୍ଚିବ ।

ପ୍ରଶ୍ନ: ଆକାଶରେ ସପ୍ତର୍ଷି ମଣ୍ଡଳ ଓ ଶର୍ମିଷ୍ଠା ମଣ୍ଡଳ କ'ଣ ଏକା ସମୟରେ ନଥାନ୍ତି ?

ଉତ୍ତର: ନା, କାରଣ ସପ୍ତର୍ଷି ମଣ୍ଡଳ ଓ ଶର୍ମିଷ୍ଠା ମଣ୍ଡଳ ଦୁହେଁ ଧ୍ରୁବ ତାରାର ଦୁଇ ପଟେ ୧୮୦$^{0}$ ତଫାତରେ ରହିଛନ୍ତି । ସେଥିପାଇଁ ଆକାଶରେ ଶର୍ମିଷ୍ଠା ମଣ୍ଡଳ ଆସିବା ବେଳେ ସପ୍ତର୍ଷି ମଣ୍ଡଳ ଦିଗବଳୟ ତଳେ ଥାଏ ଓ ସପ୍ତର୍ଷି ମଣ୍ଡଳ ଆକାଶକୁ ଆସିଲେ ଶର୍ମିଷ୍ଠା ମଣ୍ଡଳ ଦିଗବଳୟ ତଳକୁ ଚାଲିଯାଏ ।

ଧ୍ରୁବ ତାରା ବିଷୟରେ ଆମ ପୁରାଣରେ ଗୋଟିଏ ଗପ ରହିଛି । ଉତ୍ତମପାଦ ନାମକ ଜଣେ ରାଜା ଥିଲେ । ତାଙ୍କର ସୁନୀତି ଓ ସୁଚାରୁ ନାଁରେ ଦୁଇଜଣ ରାଣୀ ଥିଲେ । ସୁନୀତିଙ୍କ ପୁଅଙ୍କ ନାଁ ଥିଲା ଧ୍ରୁବ ଓ ସୁଚାରୁଙ୍କ ପୁଅ ଥିଲେ ଉତ୍ତମ । ସୁନୀତି ଅତି ଭଦ୍ର ଓ ଶାନ୍ତଶିଷ୍ଟ ଥିଲେ, କିନ୍ତୁ ସୁଚାରୁ ବହୁତ ଦୁଷ୍ଟ ଥିଲେ । ସେ ସୁନୀତିଙ୍କ ପୁଅ ଧ୍ରୁବକୁ ମୋଟେ ସହିପାରୁ ନଥିଲେ । ଚକ୍ରାନ୍ତ କରି ସେ ସୁନୀତି ଓ ଧ୍ରୁବଙ୍କୁ ଜଙ୍ଗଲକୁ ପଠାଇ ଦେଲେ । ଧ୍ରୁବ ବଡ଼ ହେଲେ । ସେ ସାତ ବର୍ଷର ହେଲା ବେଳକୁ ମା'ଙ୍କୁ ତାଙ୍କ ବାପାଙ୍କ ବିଷୟରେ ପଚାରିଲେ । ରାଜା ଉତ୍ତମପାଦ ତାଙ୍କ ବାପା ବୋଲି ଜାଣିବା ପରେ ଧ୍ରୁବ ତାଙ୍କୁ ଭେଟିବା ପାଇଁ ଗଲେ । ରାଜା ଧ୍ରୁବଙ୍କୁ ଦେଖି ବହୁତ ଖୁସି ହୋଇଗଲେ ଓ ଅତି ସ୍ନେହରେ ତାଙ୍କୁ କୋଳରେ ବସାଇଲେ । ସେତିକିବେଳେ ସୁଚାରୁ ଦେଖିଦେଲେ ଓ ଧ୍ରୁବଙ୍କୁ ଅପମାନ କରି ତଡ଼ିଦେଲେ । ସେଠାରୁ ଫେରିଯାଇ ଧ୍ରୁବ ତାଙ୍କ ମା'ଙ୍କୁ ପଚାରିଲେ ଯେ ଏମିତି ଜାଗା କୋଉଠି ଅଛି ଯେଉଁଠି ତାଙ୍କୁ କେହି ତଡ଼ି ପାରିବେ ନାହିଁ । ତାଙ୍କ ମା' ତାଙ୍କୁ ତପସ୍ୟା କରି ବିଷ୍ଣୁଙ୍କୁ ପଚାରିବାକୁ କହିଲେ । ସେ ଜଙ୍ଗଲକୁ ଚାଲିଗଲେ ଓ ଘୋର ତପସ୍ୟା କଲେ । ଶେଷରେ ବିଷ୍ଣୁ ତାଙ୍କ ତପସ୍ୟାରେ ଖୁସି ହୋଇ ବର ଦେଲେ ଯେ ସେ ରାଜ୍ୟ ଶାସନ କରିବେ ଏବଂ ଶେଷରେ ଆକାଶରେ ଗୋଟିଏ ତାରା ହୋଇ ରହିବେ ଯେଉଁଠୁ ତାଙ୍କୁ କେହି ତଡ଼ି ପାରିବେନି । ଶେଷରେ ସେଇଆ ହେଲା । ଧ୍ରୁବ ରାଜା ହେଲେ ଓ ସାନଭାଇ ଉତ୍ତମ ତାଙ୍କୁ ବହୁତ ସମ୍ମାନ ଦେଖାଇଲେ । ଧ୍ରୁବ ଶେଷରେ ଯାଇ ଆକାଶର ତାରା ହୋଇ ରହିଲେ । ସେ ତାଙ୍କ ଜାଗାରୁ କେବେ ହଟନ୍ତି ନାହିଁ ।

ଠିକ୍ ସେମିତି ଧ୍ରୁବ ତାରାକୁ ନେଇ ଆମେରିକାରେ ବି ଗୋଟିଏ କାହାଣୀ ରହିଛି । ଅନେକ ଦିନ ତଳେ ଆକାଶର ଲୋକମାନେ ବହୁତ ବୁଲୁଥିଲେ । ସେମାନେ ପୃଥିବୀକୁ ଆସି ବୁଲୁଥିଲେ । କିନ୍ତୁ କିଛି ତାରା ଥିଲେ ଯେଉଁମାନେ କୁଆଡ଼େ ବି ଯାଉନଥିଲେ । ଏମିତି ଗୋଟିଏ ତାରା ଥିଲା । ଥରେ ସେ ଆସି ପୃଥିବୀରେ ରହିଲା । ତା ନାଁ ହେଉଛି ନା-ଗା । ନା-ଗାର ଅର୍ଥ ହେଉଛି ପାହାଡ଼ିଆ ମେଣ୍ଢା । ସେ ବହୁତ ସାହସୀ ଥିଲା । ପ୍ରତିଦିନ ସେ ସବୁଠୁ ଉଚ୍ଚ ପାହାଡ଼ ଦେଖି ଉପରକୁ ଚଢୁଥିଲା । ଥରେ ସେ ଗୋଟିଏ ବହୁତ ଉଚ୍ଚା ପାହାଡ଼ ଦେଖିଲା । ପାହାଡ଼ର କଡ଼ ଗୁଡ଼ିକ ବହୁତ ତୀଖା ଥିଲା । ବହୁତ ଚେଷ୍ଟା କଲା ଉପରକୁ ଚଢ଼ିବା ପାଇଁ । ଟିକିଏ କୋଉଠି ଫାଟ ଦେଖିଲେ ପାଦ ରଖି ଚଢ଼ିବା ପାଇଁ ଚେଷ୍ଟା କରୁଥିଲା । ସେ ପାହାଡ଼ ଚାରିପଟେ ଘୁରି ବୁଲିଲା । ଶେଷରେ ଗୋଟିଏ ବଡ଼ ପଥରରେ ଫାଟ ଥିବାର ଦେଖିଲା । ସେଥିରେ ଗୋଡ଼ ରଖି ସେ ଚଢ଼ିବାକୁ ଚାହିଁଲା । ହଠାତ ସେ ଫାଟଟି ଆହୁରି ଚଉଡ଼ା ହୋଇଗଲା ଆଉ ନା-ଗା ଗୋଟିଏ ବଡ଼ ଖାତ ଭିତରେ ଗଳିପଡ଼ିଲା । ସେଇଟି ଗୋଟିଏ ଗୁମ୍ଫା ଥିଲା । ଗୁମ୍ଫା ଭିତରେ ବହୁତ ଅନ୍ଧାର ହୋଇଥିଲା । ତାକୁ କିଛି ବି ଦେଖାଯାଉ ନଥିଲା । ଖାଲି ବଡ଼ ବଡ଼ ପଥର ଖଣ୍ଡମାନ ଖସିବାର ଶବ୍ଦ ଶୁଣୁଥିଲା । ସେ ଅନ୍ଧାରରେ ଧୀରେ ଧୀରେ ଗୁରୁଣ୍ଡି ଗୁରୁଣ୍ଡି ଚାଲିଲା । ତାକୁ ଡର ଲାଗିଲା । ନା-ଗା ଫେରିଯାଇ ପୁଣି ଥରେ ଚଢ଼ିବା ପାଇଁ ଚାହିଁଲା । ବୁଲି ଦେଖେ ତ ପଥର ପଡ଼ି ଗୁମ୍ଫା ମୁହଁ ବନ୍ଦ । ତେଣୁ ଫେରିବାର ବାଟ ନାହିଁ । ତା' ଆଗରେ ଏଇନା କେବଳ ଗୋଟିଏ ବାଟ । ଯେମିତି ହେଉ ଉପରକୁ ଚଢ଼ି ସେ ବାହାରକୁ ବାହାରିବ । ଅନେକ ବାଟ ଚଢ଼ିବା ପରେ ତାକୁ ଟିକିଏ ଆଲୁଅ ଦେଖାଗଲା ।

ଜାଣିଲା ଯେ ସେ ଗୁମ୍ଫା ଭିତରୁ ବାହାରି ଆସିଲା । ବହୁତ ଖୁସି ହୋଇଗଲା । କିନ୍ତୁ ଚାରିଆଡ଼କୁ ଚାହିଁ ଦେଲା ବେଳକୁ ତା'ର ହଲକ ଶୁଖିଗଲା । ସେ ସବୁଠାରୁ ଉଚ୍ଚ ପାହାଡ଼ର ଶିଖରରେ ଠିଆ ହୋଇଛି । ସେଠି ଠିଆ ହେବାକୁ ବି ଯଥେଷ୍ଟ ଜାଗା ନାହିଁ । ତଳକୁ ଅନେଇ ଦେଲାବେଳକୁ ମୁଣ୍ଡ ବୁଲେଇ ଦେଉଛି । ପାହାଡ଼ର କଡ଼ ଏତେ ତୀଖା ଯେ ଓହ୍ଲେଇବାର ବାଟ ନାହିଁ । ଯୋଉ ଗୁମ୍ଫାରୁ ଆସିଥିଲା ସେ ବାଟ ବି ବନ୍ଦ ହୋଇଗଲାଣି । ସେ ତା ନିଜକୁ କହିଲା, "ମୁଁ ମରିବା ଯାଏଁ ଏଇଠି ହିଁ ରହିବି । କିନ୍ତୁ ମୁଁ ଶେଷରେ ମୋ ପାହାଡ଼ ମୁଁ ଚଢ଼ି ଯାଇଛି ।"

ପ୍ରଶ୍ନ: ଯାହାହେଉ ଧ୍ରୁବ ବିଷୟରେ ଗପ ବହୁତ ମଜା ଲାଗିଲା । ଆମେ ଏବେ ଟିକିଏ ଆଗରୁ ଶୁଣିଲେ ଯେ ଖାଲି ଆଖିରେ ଆମକୁ ପ୍ରାୟ ତିନିରୁ ପାଞ୍ଚ ହଜାର ତାରା ଦେଖାଯିବ । ତେବେ ସବୁ ଜାଗାରୁ କ'ଣ ଏତେ ତାରା ଦେଖାଯିବ ?

ଉତ୍ତର: ସଞ୍ଜ ବୁଡୁ ବୁଡୁ ଯଦି ଆକାଶକୁ ଚାହିଁବା ତେବେ ପଶ୍ଚିମ ଦିଗରୁ ରଙ୍ଗ ସବୁ ଉଭେଇ ଯାଇ ଅନ୍ଧାରୁଆ ହୋଇ ଆସୁଥିବା ଦେଖିବା । ଆକାଶର ଏଣେ ତେଣେ ଟିକି ଟିକି ତାରା ବାହାରୁଥିବେ । ଅନ୍ଧାର ଯେତେ ଅଧିକ ହେବ ସେତେ ବେଶୀ ତାରା ଦେଖାଯିବେ । ସୂର୍ଯ୍ୟ ଅସ୍ତ ହେବାର ଦୁଇଘଣ୍ଟା ଖଣ୍ଡେ ନଯାଉଣୁ ସାରା ଆକାଶ ଝିଲିମିଲି ତାରାରେ ଭରିଯିବ । ତୋଫା ଜହ୍ନ ପାଖରେ ତାରାଗୁଡ଼ିକ ଫିକା ଦେଖାଯିବେ । ସହର ଅଞ୍ଚଳରେ ତାରା ଦେଖିବାର ବଡ଼ ଶତ୍ରୁ ହେଉଛି ବିଜୁଳି ଆଲୁଅ । ଧୂଳି ଓ ଧୂଆଁ ବି ସେଠି ଆଉ ଗୋଟିଏ ସମସ୍ୟା ।

ପ୍ରଶ୍ନ: ତାରା ଦେଖିବା ପାଇଁ କେତେବେଳେ ବାହାରକୁ ଆସିବା ?

ଉତ୍ତର: ରାତିରେ ଘର ଭିତରର ଆଲୁଅରୁ ବାହାରର ଅନ୍ଧାରକୁ ଚାଲି ଆସିଲେ ସାଙ୍ଗେ ସାଙ୍ଗେ ଆମକୁ କିଛି ଦେଖାଯାଏ ନାହିଁ । କିଛି ସମୟ ଅନ୍ଧାରରେ ରହିଗଲେ ଚାରିଆଡ଼ ଟିକିଏ ଫର୍ଚ୍ଛା ଜଣାପଡ଼େ ଓ ଅଧିକ ଜିନିଷ ବାରିହୁଏ । କାରଣ ଆଖିପୁଅଟି ବଡ଼ ହେବାକୁ କିଛି ସମୟ ଲାଗେ । ତେଣୁ ତାରା ଦେଖିବା ଆଗରୁ ପ୍ରାୟ ୧୦ ମିନିଟ ପାଇଁ ଅନ୍ଧାରରେ ରହିବା ଭଲ । ଆମ ଆଖି ଅନ୍ଧାରକୁ ଖାପ ଖାଇ ଗଲା ପରେ ଛୋଟ ଛୋଟ ତାରାଗୁଡ଼ିକୁ ସହଜରେ ଦେଖିହେବ ।

ପ୍ରଶ୍ନ: ବାହାରେ ତ ଅନ୍ଧାର ହୋଇଥିବ, ତେଣୁ ସାଙ୍ଗରେ ଟର୍ଚ୍ଚ ଜଳେଇଲେ ତ ସହଜରେ ଦେଖିହୁଅନ୍ତା ।

ଉତ୍ତର: ଅଳ୍ପ ସମୟ ପାଇଁ ହେଲେ ବି କିଛି ଉଜଳ ଆଲୁଅ ସେଇଟା ଗାଡ଼ି ଆଲୁଅ ହେଉ ବା ଟର୍ଚ୍ଚ ଆଲୁଅ ହେଉ ଆମର ଅନ୍ଧାରଦୃଷ୍ଟିକୁ ନଷ୍ଟ କରିଦିଏ । ତେଣୁ ଏସବୁଠାରୁ ଦୂରେଇ ରହିବା ଦରକାର । ଲାଲ ଆଲୁଅରେ ଅନ୍ଧାରଦୃଷ୍ଟି ଖରାପ ହୁଏନାହିଁ । ତେଣୁ ବାହାରେ ତାରା ଦେଖିଲା ବେଳେ ବହି ବା ମାନଚିତ୍ର ଦେଖିବା ପାଇଁ ଅଳ୍ପ ଉଜଳତାର ଲାଲ ଆଲୁଅ ବ୍ୟବହାର କରାଯାଇ ପାରିବ । ଟର୍ଚ୍ଚ ଉପରେ ଲାଲ ଜରି ବା ଜିଲାଟିନ୍ କାଗଜ ଗୁଡ଼ାଇ କାମରେ ଲଗାଯାଇ ପାରିବ ।

କଥାରେ ଅଛି ପିଠାର ସୁଆଦ କେବଳ ଖାଇବା ବାଲା ହିଁ ପାଏ । ସେମିତି ତାରାମାନଙ୍କ ବିଷୟରେ ବି ଆକାଶକୁ ଚାହିଁ ତାରା ନ ଖୋଜିଲେ ସେ ମଜାଟା ପାଇବାନି ।ତାରା ବିଷୟରେ ସବୁକିଛି ନବୁଝିଲେବି ଆମେ ଆକାଶର ତାରାମାନଙ୍କୁ ଚିହ୍ନିବାର ମଜା ପାଇପାରିବା । ଏହି ମଜା କାମରୁ ଆକାଶ ବିଷୟରେ ଅଧିକ ଜାଣିବାର ଆଗ୍ରହ ଆସିବ ।

ଅବଶ୍ୟ ଆଧୁନିକ ଆକାଶ ବିଜ୍ଞାନ କେବଳ କିଛି ତାରା ଚିହ୍ନିବା ନୁହେଁ । ଆଜିର ଆକାଶବିଜ୍ଞାନୀ ମାନେ କେବଳ ତାରା ନୁହେଁ, କ୍ୱାଜାର୍, ପଲ୍‌ସାର୍, ସୁପର୍‌ନୋଭା, ବେତାର ତରଙ୍ଗ, ଅବଲୋହିତ ରଶ୍ମି, ରଞ୍ଜନରଶ୍ମି, ଗାମା ରଶ୍ମି ଆଦିକୁ ବୁଝିବା ପାଇଁ ଉନ୍ନତ ତଥା ଜଟିଳ ଯନ୍ତ୍ରପାତି ସବୁ ବ୍ୟବହାର କରୁଛନ୍ତି । ବିଂଶ ଶତାବ୍ଦୀର ମଝିବେଳକୁ ହିଁ ମଣିଷ ଏ ପ୍ରସାରିତ ବିଶ୍ୱ ତଥା ମହା ବିସ୍ଫୋରଣ ସମ୍ବନ୍ଧରେ ଜାଣିବାକୁ ପାଇଲା ।

ସକାଳର ସୂର୍ଯ୍ୟ ଉଦୟଠାରୁ ଆରମ୍ଭ କରି ଅସ୍ତ ହେବା ଯାଏଁ ଓ ପୂର୍ଣ୍ଣିମାଠାରୁ ଅମାବାସ୍ୟା ଯାଏଁ, ମହାକାଶରେ ଉଡ଼ିବା ଠାରୁ ଚନ୍ଦ୍ରରେ ପାଦ ଥାପିବା ଓ ଦୂର ଗ୍ରହକୁ ଯାନ ପଠାଇବା, ଏ ସବୁରି ମୂଳରେ ରହିଛି ମଣିଷର କୌତୁହଳୀ ଓ ଆଗ୍ରହୀ ମନଟିଏ । ଆଶାକରୁଛୁ ଆଜିର କାର୍ଯ୍ୟକ୍ରମ ଶୁଣିବା ପରେ ଆପଣଙ୍କର ବି ଏ ଦିଗରେ ଆଗ୍ରହ ବଢ଼ିଥିବ । ସନ୍ଧ୍ୟା ପରେ ଆକାଶକୁ ଚାହିଁ ଧ୍ରୁବ ତାରା ଖୋଜିବା ପାଇଁ ମନ ହୋଇଥିବ । କେବଳ ଧ୍ରୁବ ତାରା ନୁହେଁ ଅନ୍ୟ ତାରାମାନଙ୍କ ବିଷୟରେ ବି ଜାଣିବାକୁ ଇଚ୍ଛା ହୋଇଥିବ । ଏ ବିଷୟରେ ଆସନ୍ତା ଥରକୁ ଆହୁରି ଅଧିକ ଶୁଣିବା । ଏ ବିଷୟରେ ଯଦି କିଛି ପ୍ରଶ୍ନ ଥାଏ ତେବେ ଆମ ପାଖକୁ ଲେଖି ପଠାଇଲେ ଆମେ ସେ ବିଷୟରେ ଆଲୋଚନା କରିପାରିବା ।